# NATIONAL NEWS BULLETIN (ODIA)

**10 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାରର ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ହେବ ମତଦାନ

–ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହେବ ଉପନିର୍ବାଚନ

- ଭୂଟାନକୁ ଆସନ୍ତାକାଲି ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ନାଗାଲାଣ୍ଡ ବିଧାନସଭାରେ ୨୨ତମ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଲୋକସଭା ବାଚସ୍ପତି
- ସମାଜର ଦୁର୍ବଳ ଶ୍ରେଣୀ ଓ ଆକାଂକ୍ଷୀ ଯୁବବର୍ଗଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକୁ ଆଗେଇ ଆସିବାକୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ଏବଂ

- ଭୁବନେଶ୍ୱରରେ ଅନୁଷ୍ଠିତ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଲେ କେନ୍ଦ୍ର କୃଷିମନ୍ତ୍ରୀ

## ବିହାର-ପୋଲ୍‌ସ

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ । ୨୦ଟି ଜିଲ୍ଲାର ୧୨୨ଟି ଆସନ

ପାଇଁ ମତଦାନ ହେବ । ରାଜ୍ୟରେ ମୁକ୍ତ, ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍ ଗ୍ରହଣ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପର୍ଯ୍ୟାୟରେ ଭାରତ-ନେପାଳ ସୀମାବର୍ତ୍ତୀ ଜିଲ୍ଲା ଏବଂ ମାଗ୍‌ଧା, ସାହାବାଦ, କୋଷୀ, ମିଥିଲାଞ୍ଚଳରେ ଥିବା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଭୋଟ୍ ଗ୍ରହଣ ହେବ । ସେହିପରି ପୂର୍ବ ଏବଂ ପଶ୍ଚିମ ଚମ୍ପାରନ୍, ମଧୁବନୀ, ସୀତାମାଢ଼ି, ସିଓହାର, ସୁପଲ୍, ଆରାରିଆ, କିଷାନଗଞ୍ଜ, ପୂର୍ଣ୍ଣିଆ ଏବଂ କୋଟିହାର, ଭାଗଲପୁର ଏବଂ ବାଙ୍କା ଜିଲ୍ଲାଗୁଡ଼ିକରେ ମତଦାନ କରାଯିବ । ୩ କୋଟି ୭୦ଲକ୍ଷରୁ ଅଧିକ ମତଦାତା ୧ହଜାର ୩୦୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ୧୩୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷାଗତ କାରଣରୁ ଗୟା, ଔରଙ୍ଗାବାଦ, ବାଙ୍କା ଏବଂ ରୋହସତ୍ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧ ହଜାର ୨୦୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୪୫ ହଜାରରୁ ଅଧିକ ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ୨୦ଟି ଜିଲ୍ଲା ମୁଖ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି । ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ

୫୯୫ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ କେବଳ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

ସୁରକ୍ଷା ଦୃଷ୍ଟିକୋଣରୁ ଭାରତ-ନେପାଳ ସୀମାନ୍ତ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଆନ୍ତଃରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳକୁ ସିଲ୍ କରିଦିଆଯାଇଛି । ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଜାରି ରହିଛି । ସେହିପରି ଭୋଟ୍ ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ମଧୁବନୀ ଜିଲ୍ଲାର ଜୟନଗର ଏବଂ ନେପାଳର ଜନକପୁର ମଧ୍ୟରେ ମୈତ୍ରୀ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ସ୍ଥଗିତ ରଖାଯାଇଛି ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାଖାପାଖି ୬୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ବାଇ-ଇଲେକ୍ସନ

ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆସନ୍ତାକାଲି ଉପନିର୍ବାଚନ ଅନୁଷ୍ଠିତ ହେବ । ଅନ୍ୟ ରାଜ୍ୟର ନିର୍ବାଚନମଣ୍ଡଳୀ ଗୁଡ଼ିକ ହେଲା–ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନାର ଆଣ୍ଟା, ଝଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା ।

## ସାହା- କୋଅପ୍ କୁମ୍ଭ

ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସମାଜର ଦୁର୍ବଳ ଶ୍ରେଣୀ ଏବଂ ଆକାଂକ୍ଷୀ ଯୁବବର୍ଗଙ୍କୁ ସଶକ୍ତ କରିବା ଦିଗରେ

ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକ ଆଗେଇ ଆସିବା ଉଚିତ । ନୂଆଦିଲ୍ଲୀଠାରେ ଆଜି ସହରାଞ୍ଚଳ ସମବାୟ ଋଣ କ୍ଷେତ୍ରର ସମବାୟ କୁମ୍ଭ ଆନ୍ତର୍ଜାତିକ ସମ୍ମିଳନୀ-୨୦୨୫ର ଉଦ୍‌ଘାଟନ ଅବସରରେ ଶ୍ରୀ ଶାହା କହିଛନ୍ତି, ସମବାୟ ବ୍ୟାଙ୍କ ଜାତୀୟ ମହାସଂଘ ଏବଂ ଋଣ ସୋସାଇଟି ଲିମିଟେଡ୍- MAFCUB ଏବଂ ସହରାଞ୍ଚଳ ସଂଗଠନଗୁଡ଼ିକ ସେମାନଙ୍କର ନୈତିକ ମାର୍ଗଦର୍ଶିକା ଜାରି କରିବା ଉଚିତ । ପ୍ରତ୍ୟେକ ସମବାୟ ବ୍ୟାଙ୍କଗୁଡ଼ିକ ନିଜ ନିଜର ଅର୍ଥନୈତିକ ଢାଞ୍ଚାକୁ ପୁନଃ ରୂପରେଖ କରିବା ଉଚିତ ବୋଲି ସେ କହିଛନ୍ତି । ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ନିମନ୍ତେ ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟ ରହିଥିବା ଶ୍ରୀ ଶାହା କହିଛନ୍ତି ।  ୨ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପ୍ରତ୍ୟେକ ସହରରେ ଆସନ୍ତା ୫ ବର୍ଷ ମଧ୍ୟରେ ସହରାଞ୍ଚଳ ସମବାୟ ବ୍ୟାଙ୍କ ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ସମବାୟ କ୍ଷେତ୍ର ସହିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଲାଗି ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି ।

୨୦୪୭ ମସିହା ସୁଦ୍ଧା ସମବାୟ କ୍ଷେତ୍ରକୁ ନୂତନ ଶିଖରରେ ପହଞ୍ଚିବା ଦିଗରେ ଏହା ଏକ ପିଢ଼ି ସୃଷ୍ଟି କରିବ ବୋଲି ସେ କହିଛନ୍ତି । କେନ୍ଦ୍ର ସରକାର ପ୍ରାଥମିକ କୃଷି ଋଣ  ସମିତି-ପ୍ୟାକ୍‌ସ ପାଇଁ ଆଦର୍ଶ ଅଧିନିୟମ ପ୍ରସ୍ତୁତ କରିଛନ୍ତି । ଏହାକୁ ସମସ୍ତ ରାଜ୍ୟ ଗ୍ରହଣ କରିଛନ୍ତି । ଦେଶର ସମସ୍ତ ପ୍ୟାକ୍ସ ଗୁଡ଼ିକ ଏହି ଆଦର୍ଶ ଅଧିନିୟ ଦ୍ୱାରା ପରିଚାଳିତ ହେଉଛନ୍ତି ।

ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରର ନୂତନ ଯୁଗରେ ଯୋଗ ଦେବା ନିମନ୍ତେ କ୍ଷୁଦ୍ର ସମବାୟ ସମିତି ଗଡ଼ିକରେ ସହକାର ଡିଜିପେ ଏବଂ ସହକାର ଡିଜି ଲୋନ୍‌ର ଆପ୍ ବ୍ୟବସ୍ଥା କରାଯାଇଥିବା ଶ୍ରୀ ଶାହା କହିଛନ୍ତି । ଆନ୍ତର୍ଜାତିକ ସମବାୟ ବିଶ୍ୱ ତାଲିକାରେ ଅମୁଲ ଏବଂ ଇଫ୍‌କୋ ଶ୍ରେଷ୍ଠ ଦୁଇଟି ସ୍ଥାନ ଅଧିକାର କରିଥିବାରୁ ଶ୍ରୀ ଶାହା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅମୁଲ ସଂସ୍ଥା ଦେଶବ୍ୟାପୀ ୩୦ ମିଲିୟନଲିଟେର ଦୁଗ୍ଧ ସଂଗ୍ରହ କରି ସ୍ୱେତ ବିପ୍ଳବକୁ ଆଗେଇ ନେଇଥିବା ସେ କହିଛନ୍ତି । **V/O (Saha)**

ସେହିପରି ଇଫ୍‌କୋ ଦେଶର ସବୁଜ ବିପ୍ଳବର ଏକ ସ୍ତମ୍ଭ ଭାବେ ଉଦୀୟମାନ ହୋଇଥିବା ବେଳେ ୯ ଦଶମିକ ୩ ମିଲିୟନ ଟନ୍ ୟୁରିଆ ଓ ଡିଏପି ସାର କୃଷକମାନଙ୍କୁ ଯୋଗାଇଛି । ଜାତୀୟ ସହରାଞ୍ଚଳ ସମବାୟ ବ୍ୟାଙ୍କ ମହାସଂଘ ଏବଂ ଋଣ ସମିତି ଏବଂ ସମବାୟ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି ୨ ଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି । ସମ୍ମିାନୀର ବିଷୟବସ୍ତୁ ରହିଛି **ସ୍ୱପ୍ନକୁ ଡିଜିଟାଇଜେସନ୍ କରିବା ଏବଂ ସଂପ୍ରଦାୟକୁ ସଶକ୍ତିକରଣ କରିବା ।**

---

# କମନ ଓ୍ୱେଲ୍‌ଥ ପାର୍ଲାମେଣ୍ଟାରୀ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି କୋହିମାର ନାଗାଲ୍ୟାଣ୍ଡ ବିଧାନସଭାରେ ୨୨ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ବାର୍ଷିକ ସମ୍ମିଳନୀ-ଭାରତ ତୃତୀୟ ଆଞ୍ଚଳିକ ଜୋନ୍‌ର ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ବିର୍ଲା କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳ **'ସମୃଦ୍ଧ ସଂସ୍କୃତି, ବିବିଧତା ଏବଂ ଦୃଢ଼ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ ।'**

ସେ କହିଛନ୍ତି ଏହି ଅଞ୍ଚଳ ଗୁଡ଼ିକରେ ନିରନ୍ତର ସଂଯୋଗୀକଣର ବିକାଶ, ଭିତ୍ତିଭୂମି ଏବଂ ପର୍ଯ୍ୟାପ୍ତ ସୁବିଧଥା ସୁଯୋଗ ଯୋଗୁଁ ବିକାଶ ସମ୍ଭବ ହୋଇପାରିଛି । ବାଚସ୍ପତି ଶ୍ରୀ ବିର୍ଲା ଉତ୍ତର-ପୂର୍ବାଞ୍ଚଳ ବିଧାନସଭା ଗୁଡ଼ିକୁ ସେମାନଙ୍କର ଏକତା ଏବଂ ନୀତିନିର୍ଦ୍ଧାରଣକାରୀ ବ୍ୟବସ୍ଥା ଯୋଗୁଁ ପ୍ରଶଂସା କରିଛନ୍ତି । ଫଳରେ ଏହି ଅଞ୍ଚଳ ଗୁଡ଼ିକର ଆବ୍ୟକତା ପୂର୍ଣ୍ଣ ହେବା ସହ ସମୃଦ୍ଧି ଏବଂ ବିକାଶ ଦିଗରେ  ଅଗ୍ରସର ହୋଇପାରୁଛି ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଆଞ୍ଚଳିକ ବିକାଶ ଏବଂ ଶିଳ୍ପ ଅଭିବୃଦ୍ଧି ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛ ସୁଶାସନ ବୃଦ୍ଧି ଦ୍ୱାରା ଏହା ସମ୍ଭବପର ହୋଇପାରିଛି । ଏଠାକାର ଅଧିକାଂଶ ବିଧାନସଭା କାଗଜଶୂନ୍ୟ, ଉତ୍ତମ ବ୍ୟବସ୍ଥା ଏବଂ ବିଧାନସଭାର କାର୍ଯ୍ୟଧାରାରେ ସର୍ବନିମ୍ନ ବ୍ୟାହତ ପରିଦୃଷ୍ଟ ହୋଇଛି । ସେ କହିଛନ୍ତି, ସମାବେଶୀ ଏବଂ ଦୀର୍ଘସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ ଲାଗି ମିଳିତ ଆଲୋଚନା ଏବଂ ଜନସାଧାରଣଙ୍କର ଅଂଶଗ୍ରହଣ ମୁଖ୍ୟ ବୋଲି ବାଚସ୍ପତି କହିଛନ୍ତି ।

ନାଗାଲ୍ୟାଣ୍ଡର ମୁଖ୍ୟମନ୍ତ୍ରୀ ନିଫିଉ ରିଓ ଉଦ୍‌ବୋଧନ ଦେଇ କହିଛନ୍ତି, ସଂସଦୀୟ ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ସମବାୟ ସଂଘୀୟବାଦର ପ୍ରତିବଦ୍ଧତା ପୂରଣ କରିବା ଲାଗି ବିଧାୟକମାନେ କାର୍ଯ୍ୟ କରିବା ଉଚିତ ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ବାୟୁ ପ୍ରଦୂଷଣ ବିରୁଦ୍ଧରେ ଲଢ଼େଇ, ସୁରକ୍ଷିତ ଏବଂ ସୁସ୍ଥ**

**ରହିବା ପାଇଁ ପଦକ୍ଷେପ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ପୂର୍ବତନ ମୁଖ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଏସ୍.କେ ଶର୍ମା ଏବଂ ପଲ୍‌ମୋନୋଲୋଜିଷ୍ଟ୍ ଡାକ୍ତର ସୌରଭ ମିତ୍ତଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

---

## ପି.ଏମ୍. - ଭୁଟାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭୁଟାନ୍‌କୁ ଦୁଇ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଓ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ୱାଙ୍ଗ୍‌ଚୁକ୍ ୧ ହଜାର ୨୦ ମେଗାୱାଟ୍ ବିଶିଷ୍ଟ ପୁନତ୍‌ସାଙ୍ଖୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱଶାନ୍ତି ପ୍ରାର୍ଥନା ମହୋତ୍ସବରେ ଅଂଶଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ୍ କରିବା ନେଇ ମାର୍ଗ ଉନ୍ମୁକ୍ତ କରିବ । ଗସ୍ତ ଅବସରରେ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ ହେବାର ଆଶା କରାଯାଉଛି ।

---

## ଶିବରାଜ– ଓଡ଼ିଶା ଭିଜିଟ୍

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। କୃଷକଙ୍କ ଆୟବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱରଠାରେ ଅନୁଷ୍ଠିତ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ ଯୋଗଦେଇଛନ୍ତି।

ଶ୍ରୀଚୌହାନ ମଧ୍ୟ କଟକ ସଦର ଅଞ୍ଚଳ ପରିଦର୍ଶନ କରି କୃଷକମାନଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ– ଆଇସିଏଆର ଠାରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ କୃଷି ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ନେଇ ଆୟୋଜିତ ଏକ ବୈଠକରେ ଶ୍ରୀ ଚୌହାନ ଅଂଶଗ୍ରହଣ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ତେଲଙ୍ଗାନା–ଆନ୍ଦେ ଶ୍ରୀ

ତେଲଙ୍ଗାନାର ବିଶିଷ୍ଟ କବି ତଥା ରାଜ୍ୟ ସଂଗୀତ ‘ଜୟ ଜୟାହେ ତେଲଙ୍ଗାନା’ର ଗୀତିକାର ଆନ୍ଦେ ଶ୍ରୀଙ୍କର ଆଜି ହାଇଦ୍ରାବାଦଠାରେ ପରଲୋକ ଘଟିଛି । ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ଆନ୍ଦେ ଶ୍ରୀ ସିଦ୍ଦିପେଟ୍ ଜିଲ୍ଲାର ରେବଥୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତେଲୁଗୁ ସାହିତ୍ୟରେ ଜଣେ ବିଶିଷ୍ଟ କବି ଭାବରେ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି । ସ୍ୱତନ୍ତ୍ର ରାଜ୍ୟ ଗଠନ ଆନ୍ଦୋଳନରେ ତାଙ୍କର ରାଜ୍ୟ ସଂଗୀତ ଅନେକ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଥିଲା । ତେଲଙ୍ଗାନା ଗଠନ ପରେ ତାହାକୁ ରାଜ୍ୟ ସଂଗୀତର ମାନ୍ୟତା ମିଳିଥିଲା । ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଏ. ରେବନ୍ତରେଡ୍ଡୀ, କେନ୍ଦ୍ର କୋଇଲାମନ୍ତ୍ରୀ କିଷନ ରେଡ୍ଡୀ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

---